# NATIONAL NEWS BULLETIN (ODIA)

**29 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହେଉଛି ୬୦ତମ ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ ସମ୍ମିଳନୀ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ

- ଆବଶ୍ୟକ ସୁରକ୍ଷା ମାନଦଣ୍ଡ ପୂରଣ କରିନଥିବା ଯୋଗୁଁ ଏ-୩୨୦ ବର୍ଗର ବିମାନ ଚଳାଚଳ ଉପରେ ଡିଜିସିଏ ଜାରିକଲା କଟକଣା

- ଇଣ୍ଡୋନେସିଆ ସୁନାମୀ ଓ ଭୂକମ୍ପରେ ମୃତ୍ୟୁ ସଂଖ୍ୟା ୨୪୮କୁ ବୃଦ୍ଧି

ଏବଂ

- ଭାରତୀୟ ନୌସେନାକୁ ହସ୍ତାନ୍ତର ହେଲା ଚତୁର୍ଥ ନୀଳଗିରି ଶ୍ରେଣୀ ଷ୍ଟିଲ୍‌ଥ୍ ଫ୍ରିଗେଟ୍ ତାରାଗିରି

## ପିଏମ୍-ରାୟପୁର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ୬୦ତମ ସର୍ବଭାରତୀୟ ପୋଲିସ୍ ମହାନିର୍ଦ୍ଦେଶକ ସମ୍ମିଳନୀ ଅନୁଷ୍ଠିତ ହେଉଛି । ଛତିଶଗଡ଼ର ରାୟପୁର ଆଇଆଇଏମ୍ ଠାରେ ଏହି ୩ ଦିନିଆ ସମ୍ମିଳନୀକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗତକାଲି ଉଦ୍‌ଘାଟନ କରିଥିଲେ । ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ଶାହା କହିଛନ୍ତି, ଆଭ୍ୟନ୍ତରୀଣ ସୁରକ୍ଷା ସୁଦୃଢ଼

କରିବାରେ ଏହି ସମ୍ମିଳନୀ ଏକ ମଞ୍ଚ ଭାବେ କାର୍ଯ୍ୟ କରୁଛି । ରଣନୀତି ଏବଂ ନୀତି ନିର୍ଦ୍ଧାରଣ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରୁଛି । ଗତ ୧୧

ବର୍ଷ ମଧ୍ୟରେ ଦେଶରେ ମାଓବାଦ, ନିଶାଦ୍ରବ୍ୟ କାରବାର ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ବିରୁଦ୍ଧରେ ଗ୍ରହଣ କରାଯାଉଥିବା ପଦକ୍ଷେପ ଯୋଗୁଁ ଏ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଛି । ସାଂପ୍ରତିକ ଆହ୍ୱାନ ଗୁଡ଼ିକର ମୁକାବିଲା ଦିଗରେ ସମନ୍ୱୟର ସହ କାର୍ଯ୍ୟ କରିବାକୁ ଶ୍ରୀ ଶାହା ଗୁରୁତ୍ୱ ପ୍ରଦାନ କରିଛନ୍ତି । ବିକଶିତ ଭାରତର ସ୍ୱପ୍ନ ସାକାର ଦିଗରେ ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ଏକ ମାର୍ଗ ପ୍ରସ୍ତୁତ କରିବାରେ ଏହି ସମ୍ମିଳନୀ ବେଶ୍ ସହାୟକ ହେବ ବୋଲି ଶ୍ରୀ ଶାହା ଆଶାବ୍ୟକ୍ତ କରିଛନ୍ତି । ସେବା ପ୍ରଦାନରେ ଉତ୍କର୍ଷ ପ୍ରତିପାଦନ କରିଥିବା ୩ଟି ପୋଲିସ୍ ଥାନାକୁ ଶ୍ରୀ ଶାହା ପୁରସ୍କୃତ କରିଛନ୍ତି ।

ଚଳିତବର୍ଷ ସମ୍ମିଳନୀର ବିଷୟବସ୍ତୁ ରହିଛି **ବିକଶିତ ଭାରତ -ସୁରକ୍ଷିତ ପଥ** । ଆଧୁନିକ ଯୁଗର ଆହ୍ୱାନକୁ ପ୍ରତିହତ କରି ନାଗରିକଙ୍କୁ ସୁରକ୍ଷା ଦେବା ଲକ୍ଷ୍ୟ ନେଇ ଭବିଷ୍ୟତର ଢ଼ାଞ୍ଚା ପ୍ରସ୍ତୁତ କରିବା ଉପରେ ଏହି ସମ୍ମିଳନୀରେ ବିସ୍ତୃତ ଆଲୋଚନା ହେଉଛି। ସମ୍ମିଳନୀ ଅବସରରେ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୋଲିସ୍ ପଦକ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରଦାନ କରିବେ । ସମ୍ମିଳନୀରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍, ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ, ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପୋଲିସ୍ ମହାନିର୍ଦ୍ଦେଶକ ଓ ପୋଲିସ୍ ସଂଗଠନର ମୁଖ୍ୟ ଅଂଶ ଗ୍ରହଣ କରିଛନ୍ତି ।

........................................................................

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୮ତମ ସଂସ୍କରଣ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

---

# ଡିଜିସିଏ

ଆବଶ୍ୟକ ସୁରକ୍ଷା ଓ ମାନଦଣ୍ଡ ପୂରଣ କରିନଥିବା ବିମାନ ଚଳାଚଳ ସଂସ୍ଥାଗୁଡ଼ିକ ପକ୍ଷରୁ ବିମାନ ସେବା ଉପରେ କଟକଣା ଜାରି କରାଯାଇଛି । ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ  ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏୟାର ବସ୍-ଏ-୩୨୦ ଏବଂ ଏହି ବର୍ଗର ଅନ୍ୟାନ୍ୟ ବିମାନ ଏ-୩୧୮, ଏ-୩୧୯ ଏବଂ ଏ-୩୨୧ର ଉଡ଼ାଣକୁ ତୁରନ୍ତ ବନ୍ଦ କରିବାକୁ ମହାନିର୍ଦ୍ଦେଶାଳୟ ନିର୍ଦ୍ଦେଶ ଦେଇଛି । ନିର୍ଦ୍ଧାରିତ ଯାଞ୍ଚ ଏବଂ ସୁରକ୍ଷା ସମ୍ବନ୍ଧୀୟ ସମସ୍ତ ସଂଶୋଧିତ ପଦକ୍ଷେପ ଶେଷ ନ ହେବା ପର୍ଯ୍ୟନ୍ତ ବିମାନ ଚଳାଚଳ ଅପରେଟରଙ୍କୁ ଏହି ବିମାନ

ଉଡ଼ାଣ ବନ୍ଦ ରଖିବାକୁ କୁହାଯାଇଛି। ଏ-୩୨୦ ବର୍ଗର ବିମାନ ଗୁଡ଼ିକ ତୁରନ୍ତ ମରାମତି କରିବାକୁ ଡିଜିସିଏ ନିର୍ଦ୍ଦେଶ ଦେଇଛି । ଏହି ବର୍ଗର ବିଶ୍ୱରେ ଚଳାଚଳ କରୁଥିବା ୬ ହଜାର ବିମାନ ଉଡ଼ାଣ ପ୍ରଭାବିତ ହେବ ବୋଲି ଜଣାପଡ଼ିଛି ।

ଏୟାରବସ୍ ସଫ୍ଟୱେର ସୁଦୃଢ଼ୀକରଣ ନେଇ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି । ଅନ୍ୟପକ୍ଷରେ ଏୟାର ଇଣ୍ଡିଆ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ସଂସ୍ଥାର ଇଂଜିନିୟରମାନେ ଏୟାରବସ୍ ଏ-୩୨୦ ବର୍ଗର ବିମାନ ଗୁଡ଼ିକର ସଫଟୱେର୍ ଏବଂ ହାର୍ଡୱେର୍ ସଂଶୋଧନରେ ଅହୋରାତ୍ର କାର୍ଯ୍ୟ କରୁଛନ୍ତି ।

କିଛି ବିମାନସେବା ବିଳମ୍ବିତ କିମ୍ବା ପୁନଃ ନିର୍ଦ୍ଧାରିତ ହୋଇପାରେ ବୋଲି ଏୟାରଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି । ବିମାନ ଯାତ୍ରାରେ ଯିବା ପୂର୍ବରୁ ୱେବ୍‌ସାଇଟ୍‌ରେ ଉଡ଼ାଣର ସ୍ଥିତି ନେଇ ସବିଶେଷ ତଥ୍ୟ ହାସଲ କରିବାକୁ ବିମାନ କମ୍ପାନୀ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଭିପି-କୁରୁକ୍ଷେତ୍ର

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଆସନ୍ତାକାଲି କୁରୁକ୍ଷେତ୍ର ଗସ୍ତରେ ଯିବେ । କୁରୁକ୍ଷେତ୍ରର ଜାତୀୟ ପ୍ରତିଷ୍ଠାନର ୨୦ତମ ସମାବର୍ତ୍ତନ ସମାରୋହରେ ଶ୍ରୀ ରାଧାକ୍ରିଷ୍ଣନ ମୁଖ୍ୟଅତିଥି ଭାବରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଆନ୍ତର୍ଜାତିକ ଗୀତା ମହୋତ୍ସବ ପାଳନ ଅବସରରେ ଆୟୋଜିତ ଅଖିଳ ଭାରତୀୟ ଦେବସ୍ଥାନ ସମ୍ମିଳନୀରେ ମଧ୍ୟ ଶ୍ରୀ ରାଧାକ୍ରିଷ୍ଣନ ଯୋଗଦେବେ ବୋଲି ଜଣାପଡ଼ିଛି ।

## ଇଣ୍ଡୋନେସିଆ - ଫ୍ଲଡ୍

ଇଣ୍ଡୋନେସିଆର ଆଚେ, ଉତ୍ତର ସୁମାତ୍ରା ଏବଂ ପଶ୍ଚିମ ସୁମାତ୍ରାରେ ସୁନାମୀ, ଭୂମିକମ୍ପ ଏବଂ ବନ୍ୟା ପରିସ୍ଥିତି ଯୋଗୁଁ ମୃତ୍ୟୁସଂଖ୍ୟା ୨୪୮କୁ ବୃଦ୍ଧି ପାଇଛି । ୧୦୦ରୁ ଅଧିକ ଲୋକ ଏପର୍ଯ୍ୟନ୍ତ ନିଖୋଜ ଥିବା ଜଣାପଡିଛି । କ୍ଷତିଗ୍ରସ୍ତ ଅଞ୍ଚଳରେ ଆଜି ମଧ୍ୟ ପହଞ୍ଚିବା ପାଇଁ ଉଦ୍ଧାରକାରୀ ଦଳ ପ୍ରୟାସ ଜାରି ରଖିଛନ୍ତି । ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି । ସଡ଼କ ଯୋଗାଯୋଗ କ୍ଷତିଗ୍ରସ୍ତ ହେବା ଫଳରେ ରିଲିଫ୍ ଯୋଗାଣ ମଧ୍ୟ ପ୍ରଭାବିତ ହୋଇଛି । ଆଚେ ଉପକୂଳେ ଗତ ଗୁରୁବାର ଦିନ ୬ ଦଶମିକ ୩ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା ।

---

## ଏସ୍ଆଇଆର୍-ଡବ୍ଲୁବି

ପଶ୍ଚିମବଙ୍ଗରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ପ୍ରାୟ ୧୫ଲକ୍ଷ ୫୩ ହଜାର ମୃତ ବ୍ୟକ୍ତିଙ୍କ ନାମ ଚିହ୍ନଟ କରାଯାଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୭ ଲକ୍ଷ ୬୫ ହଜାର ଗଣନା ଫର୍ମ ବଣ୍ଟନ କରାଯାଇଥିବା ବେଳେ ୬ ଲକ୍ଷ ୪୫ ହଜାର ଗଣନା ଫର୍ମର ଡିଜିଟାଇଜେସନ୍ ସଂପୂର୍ଣ୍ଣ ହୋଇସାରିଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ମନୋଜ କୁମାର ଅଗ୍ରୱାଲ ଭୋଟର ତାଲିକା ସଂଶୋଧନ ନେଇ ଆଜି ଆଭାଷୀ ମାଧ୍ୟମରେ ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକରେ ଯୋଗଦେବେ । ନିର୍ବାଚନ ଆୟୋଗ ପଶ୍ଚିମବଙ୍ଗରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଜଡ଼ିତ  ବୁଥ୍ ସ୍ତରୀୟ ଅଧିକାରୀ ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ପଶ୍ଚିମବଙ୍ଗରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଅବସରରେ ରାଜ୍ୟ ସୀମା ଦେଇ ବେଆଇନ୍ ଭାବେ ପ୍ରବେଶ କରିଥିବା ବାଂଲାଦେଶୀ ନାଗରିକ ସେଠାରୁ ପଳାୟନ କରିଥବା ଜଣାପଡ଼ିଛି । ତୃଣମୂଳ କଂଗ୍ରେସ ଏହି ପ୍ରକ୍ରିୟାରେ ସହଯୋଗ କରୁନଥିବା ନେଇ ବିଜେପି ଅଭିଯୋଗ କରିଛି । ଦଳର ନେତା ଶୁଭେନ୍ଦୁ ଅଧିକାରୀ' ଭୋଟର ତାଲିକାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ନାମ ସାମିଲ କରିବାକୁ ଟିଏମ୍‌ସି ଚେଷ୍ଟା କରୁଛି ବୋଲି ଅଭିଯୋଗ କରିଛନ୍ତି ।

---

# ନାଭି-ତାରାଗିରି

ଚତୁର୍ଥ ନୀଳଗିରି ଶ୍ରେଣୀ ଯୁଦ୍ଧ ଜାହାଜ ଷ୍ଟିଲ୍‌ଥ ଫ୍ରିଗେଟ୍ ତାରାଗିରି ଭାରତୀୟ ନୌସେନାକୁ ହସ୍ତାନ୍ତର କରାଯାଇଛି । ମୁମ୍ବାଇରେ ଗତକାଲି ଏହି ଜାହାଜକୁ ହସ୍ତାନ୍ତର କରାଯାଇଥିବା ନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି । ପ୍ରକଳ୍ପ ୧୭-ଏ ଫ୍ରିଗେଟ୍ ହେଉଛି ଏକ ବହୁମୁଖୀ ପ୍ଲାଟଫର୍ମ, ଯାହା ସାମୁଦ୍ରିକ କ୍ଷେତ୍ରରେ ସାଂପ୍ରତିକ ଏବଂ ଭବିଷ୍ୟତର ଆହ୍ୱାନକୁ ମୁକାବିଲା କରିବାରେ ସମର୍ଥ ହେବ । ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଯୁଦ୍ଧ ଜାହାଜ ଆତ୍ମନିର୍ଭରତା କ୍ଷେତ୍ରରେ ଏକ ପ୍ରମୁଖ ପଦକ୍ଷେପ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି । ପୂର୍ବ ଆଇଏନ୍‌ଏସ୍ ତାରାଗିରିର ଏହା ଉନ୍ନତ ସଂସ୍କରଣ । ୧୯୮୦ରୁ ୨୦୧୩ ପର୍ଯ୍ୟନ୍ତ ପୂର୍ବ ଆଇଏନ୍‌ଏସ୍ ତାରାଗିରି ଭାରତୀୟ ନୌସେନାର ଅଂଶବିଶେଷ ରହିଥିଲା । ତାରାଗିରି ହେଉଛି ଗତ ୧୧ମାସ ମଧ୍ୟରେ ଭାରତୀୟ ନୌସେନାକୁ ପ୍ରଦାନ କରାଯାଇଥିବା ଚତୁର୍ଥ ପ୍ରୋଜେକ୍ଟ ୧୭-ଏ ଶ୍ରେଣୀ ଜାହାଜ । ଏହି ପ୍ରୋଜେକ୍ଟ ର ଅବଶିଷ୍ଟ ୩ଟି ଜାହାଜ ଆସନ୍ତାବର୍ଷ ଅଗଷ୍ଟ ମାସ ସୁଦ୍ଧା ନୌସେନାକୁ ପ୍ରଦାନ କରାଯିବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ।

---

# ଇଣ୍ଡିଆ - ଜି.ଡି.ପି.

ଭାରତର ମୋଟ୍ ଘରୋଇ ଉତ୍ପାଦ - ଜି.ଡି.ପି. ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ୮ ଦଶମିକ ୨ ପ୍ରତିଶତ ବୃଦ୍ଧି ପାଇଛି । ଦ୍ୱିତୀୟ ଏବଂ ତୃତୀୟ ତ୍ରୈମାସିକ କ୍ଷେତ୍ରରେ ଉତ୍ପାଦନ କ୍ଷେତ୍ରରେ ଦୃଢ଼ ପ୍ରଦର୍ଶନ ଯୋଗୁଁ ଜି.ଡି.ପି. ବୃଦ୍ଧି ପାଇଥିବା ଜଣାପଡ଼ିଛି । ଦ୍ୱିତୀୟ ତ୍ରୈମାସିକରେ ଜି.ଡି.ପି. ଅଭିବୃଦ୍ଧି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେକ ରେକର୍ଡ଼ ହୋଇଥିବା ୭ ଦଶମିକ ୮ ପ୍ରତିଶତ ଏବଂ ଗତବର୍ଷର ସମାନ ଅବଧିରେ ରେକର୍ଡ଼ ହୋଇଥିବା ୫ ଦଶମିକ ୬ ପ୍ରତିଶତଠାରୁ ଅଧିକ ରହିଛି । ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ନାମମାତ୍ର ଜି.ଡି.ପି. ୮ ଦଶମିକ ୭ ପ୍ରତିଶତକୁ ବୃଦ୍ଧି ପାଇଥିବା ଜଣାପଡ଼ିଛି । ଦେଶର ମୋଟ୍ ଘରୋଇ ଉତ୍ପାଦର ୧୪ ପ୍ରତିଶତ ଉତ୍ପାଦନ ଦ୍ୱିତୀୟ ତ୍ରୈମାସିକରେ ୯ ଦଶମିକ ୧ ପ୍ରତିଶତ ବୃଦ୍ଧି ପାଇଛି, ଯାହା ଗତ ଆର୍ଥିକ ବର୍ଷର ସମାନ ତ୍ରୈମାସିକରେ ୨ ଦଶମିକ ୨ ପ୍ରତିଶତ ଥିଲା ।

# ସ୍ପୋର୍ଟସ - ରାଉଣ୍ଡ ଅପ୍

୨୦ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟ୍‌ବଲ୍ ଦଳ ତାମିଲନାଡୁର ମହାବଳୀପୁରମ୍ ଏଫ୍.ସି. ମାଡ୍ରାସ୍ ଏକାଡେମୀରେ ଉଜ୍‌ବେକିସ୍ତାନ ବିପକ୍ଷରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ । ଆଜି ପ୍ରଥମ ମ୍ୟାଚ୍ ଭାରତୀୟ ସମୟ ସନ୍ଧ୍ୟା ୫ଟାରେ ମ୍ୟାଚ୍ ଖେଳାଯିବ । ଦ୍ୱିତୀୟ ମ୍ୟାଚ୍ ଆସନ୍ତା ମଙ୍ଗଳବାର ଦିନ ଅନୁଷ୍ଠିତ ହେବ । ୨୦୨୬ ଏ.ଏଫ୍.ସି. ୨୦ ବର୍ଷରୁ କମ୍ ମହିଳା ଏସୀୟ କପ୍ ପାଇଁ ଭାରତୀୟ ଦଳ ଚୟନ କରାଯିବାକୁ ଥିବାରୁ ଏହି ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ପାଇଁ ୨୪ ଜଣିଆ ଦଳ ଘୋଷଣା କରାଯାଇଛି ।

ଗତମାସରେ ଭାରତୀୟ ମହିଳା ଦଳ କାଜାଖ୍ସ୍ତାନ ବିପକ୍ଷରେ ଖେଳିଥିବା ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟରୁ ଗୋଟିଏରେ ଜିତିଥିବାବେଳେ ଅନ୍ୟଟି ଡ୍ର ରହିଥିଲା ।

...................................................................................